## ସଂକ୍ଷେପରେ

### ଡିସେମ୍ବର ପ୍ରଥମ ସପ୍ତାହରେ ମଣ୍ଡି ଆରମ୍ଭ କରିବାକୁ ଦାବି



ଜୟପୁର, ୨୮।୧୧ (ନି.ପ୍ର.)- କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଜୟପୁରସ୍ଥିତ ଜିଲା ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡାଙ୍କୁ ମଞ୍ଚ ସମ୍ପାଦକ ତଥା ଡିଏଲ୍‌ପିସି ସଭ୍ୟ ନରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଚାଷୀମାନେ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ଧାନମଣ୍ଡି ତୁରନ୍ତ ଆରମ୍ଭ କରିବାକୁ ଦାବି କରାଯାଇଛି। ଚଳିତ ଖରିଫ ଋତୁରେ ଜିଲାର ବହୁ ସ୍ଥାନରେ ଧାନ ଅମଳ ସରିବାକୁ ବସିଲାଣି। ଜିଲାରେ ୮୦%ରୁ ଊର୍ଦ୍ଧ୍ୱ ଛୋଟ ଓ ମଧ୍ୟମ ବର୍ଗର ଚାଷୀ ଅଛନ୍ତି । ଧାନ ଅମଳ ପରେ ସେମାନେ କୁଲି, ମଜୁରି ପ୍ରଦାନ, ଦୈନନ୍ଦିନ ଖର୍ଚ୍ଚ ମେଣ୍ଟାଇବା ଏବଂ ଋଣ ଶୁଝିବାକୁ ଅର୍ଥ ଅଭାବ ହେତୁ ଅତି କମ ଦରରେ କୁଇଣ୍ଟାଲ ପିଛା ୧୨ ଶହରୁ ୧୪ ଶହ ମଧ୍ୟରେ ବ୍ୟବସାୟୀ ଓ ମିଲରମାନଙ୍କୁ ଧାନ ବିକ୍ରୟ କରିବାକୁ ବାଧ ହୋଇଥାନ୍ତି । ପ୍ରଶାସନ ଏ ଦିଗରେ ଯତ୍ନବାନ ହୋଇ ମଣ୍ଡି ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଆରମ୍ଭ କଲେ ଜିଲାର ବହୁ ଗରିବ ଚାଷୀ ଉପକୃତ ହୋଇପାରିବେ ବୋଲି ମଞ୍ଚ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ନୀଳକଣ୍ଠ ନାୟକ, ଅଶୋକ ତ୍ରିପାଠୀ, ବିଦୁର ମଣ୍ଡଳ, ରାଧାନାଥ ଭଞ୍ଜ, ଝାଡେଶ୍ୱର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ୬୦ ଅଭିଯୋଗ ଶୁଣିଲେ ଜିଲାପାଳ

ଲକ୍ଷ୍ମୀପୁର, ୨୮।୧୧ (ସ୍ୱ.ପ୍ର.)- ଲକ୍ଷ୍ମୀପୁର ବ୍ଲକ ପରିସରରେ ଅଭିଯୋଗ ପ୍ରକୋଷ୍ଠରେ ସୋମବାର କୋରାପୁଟ ଜିଲାପାଳ ଏମ. ଅବଦୁଲ ଆଖତର ଜନସାଧାରଣଙ୍କ ୬୦ଟି ଅଭିଯୋଗର ଶୁଣାଣି କରିଛନ୍ତି। ଏଥିରେ ୩୧ଟି ବ୍ୟକ୍ତିଗତ ଏବଂ ୨୯ଟି ସାମୂହିକ ଅଭିଯୋଗ ରହିଥିଲା । ସେଥିରୁ ରାସ୍ତାଘାଟ, ପାନୀୟଜଳ, ବ୍ରିଜ, ଇନ୍ଦିରା ଆବାସ, ଜଙ୍ଗଲ ଜମିପଟ୍ଟା, ଲକ୍ଷ୍ମୀପୁରକୁ ସବ ଡିଭିଜନ କରିବା ଏବଂ କସାଂଗିଗୁଡ଼ ନିକଟରେ ଆଲୁମିନା ପ୍ରକଳ୍ପ ପ୍ରତିଷ୍ଠା ଆଦି ପ୍ରସ୍ତାବ ରହିଥିଲା। ମୁଖ୍ୟତଃ ନାଲ୍‌କୋ ପଞ୍ଚପଟ ମାଳି ଖଣି ପାରିପାର୍ଶ୍ୱିକ କାପଶିପୁଟ ଗ୍ରାମର ଉନ୍ନତି ନେଇ ଦାବି ଉପସ୍ଥାପନ କରାଯାଇଥିଲା। ଅଭିଯୋଗଗୁଡିକ ଶୁଣି ଏହାର ସମାଧାନ ଲାଗି ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜୀ ଇସନୱାର, ପିଏ ଆଇଟିଡିଏ କାରୁ ସୁରେନ, ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲଙ୍କ ସହ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଡିଓ ପ୍ରୀତିରଞ୍ଜନ ରଥ,ବ୍ଲକ ଅଧକ୍ଷା ଶୁଆଇ କୁଲେସିକା, ଉପାଧକ୍ଷା ଆରତି କୁଲଦୀପ, ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହୁରିଆ, ଜିପିଓ ସୁଧୀର ବେହେରା, ଯୋଗାଣ ଅଧିକାରୀ ପ୍ରଭାସ ରଞ୍ଜନ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

### ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚରେ ବ୍ଲକ ୧୧ ବିଜୟୀ

ଜୟପୁର, ୨୮।୧୧ (ନି.ପ୍ର.)-ଜୟପୁର ବ୍ଲକସ୍ତରୀୟ ପରବ ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ବ୍ଲକ ୧୧ ଓ ଜନପ୍ରତିନିଧି ୧୧ ମଧ୍ୟରେ ସ୍ଥାନୀୟ ଦଶହରା ପଡ଼ିଆରେ ଖେଳାଯାଇଛି। ଏଥିରେ ବ୍ଲକ ୧୧ ଟିମ୍ ବିଜୟୀ ହୋଇଛନ୍ତି। ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଜୟପୁର ବିଡିଓ ରାଜୀବ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ୧୨ ଓଭର ବିଶିଷ୍ଟ ମ୍ୟାଚରେ ବ୍ଲକ ୧୧ ୪ ଉଇକେଟ ହରାଇ ୧୩୨ ରନ କରିଥିଲା। ଜନ ପ୍ରତିନିଧି ୧୧ ଅଲଆଉଟ ହୋଇ ୭୫ ରନ ସଂଗ୍ରହ କରିଥିଲା।

# ଥାନାରେ ଅଭିଯୋଗ କଲେ ସ୍କୁଲ କର୍ତ୍ତୃପକ୍ଷ

- ଅଷ୍ଟମ ଶ୍ରେଣୀଛାତ୍ରୀ ଗର୍ଭବତୀ ଘଟଣା
- ତଦନ୍ତ କଲେ ଡିସିପିଓ

ନାରାୟଣପାଟଣା,/କୋରାପୁଟ ୨୮।୧୧(ଡି.ଏନ.ଏ./ସ୍ୱ.ପ୍ର.)



ବିଦ୍ୟାଳୟରେ ଦୁଇ ଅଧିକାରୀ ତଦନ୍ତ କରୁଛନ୍ତି ।

କୋରାପୁଟ ଜିଲା ଅନ୍ତର୍ଗତ ନାରାୟଣପାଟଣା ବ୍ଲକର ଏକ ବାଳିକା ଛାତ୍ରୀନିବାସରେ ରହୁଥିବା ଜଣେ ଛାତ୍ରୀ ଗର୍ଭବତୀ ହେଇଥିବା ଘଟଣାରେ ସୋମବାର ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କୋରାପୁଟ ଡିସିପିଓଙ୍କ ନିର୍ଦ୍ଦେଶ ପରେ ଥାନାରେ ଏତଲା ଦେଇଛନ୍ତି। ଏନେଇ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି। ଛାତ୍ରୀ ଜଣକ ଗର୍ଭବତୀ ହୋଇଥିବା ଜାଣିବା ପରେ ସ୍କୁଲ କର୍ତ୍ତୃପକ୍ଷ ଏସଏମସି ମେମ୍ବର ଓ ଉଭୟ ପରିବାର ଲୋକଙ୍କ ମୁରବୀଙ୍କୁ ଗତ ୨୧ରେ ବିଦ୍ୟାଳୟକୁ ଡାକି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ସ୍କୁଲରେ ଦୁଇ ପରିବାର ସଦସ୍ୟ ଲିଖିତ ଆକାରରେ ଏକ ହାତଲେଖା ପତ୍ର ଦେଇ ଛାତ୍ରୀଙ୍କ ଟିସି ନେଇ ଘରକୁ ନେଇ ଯାଇଥିଲେ। ଘଟଣା ସମ୍ପର୍କରେ କାହାରିକୁ ନ କହିବାକୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଦୁଇ ପରିବାରର ବୁଝାମଣା ପରେ ଦୁଇ ଦିନ ତଳେ ବ୍ଲକ ମଙ୍ଗଳ ଅଧିକାରୀଙ୍କୁ ଭେଟି ଲିଖିତ ଆକାରରେ ଦେଇଥିଲେ। ଘଟଣା ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ କୌଣସି ଭୂମିକା ନାହିଁ, ଯେବେ ଝିଅର ଏପରି ଅବସ୍ଥା ହେଥିବା ଜାଣିଲେ କର୍ତ୍ତୃପକ୍ଷ ତୁରନ୍ତ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ଆମେ ନିଜେ ଦୁଇ ପରିବାର ଏହି ଘଟଣା ଆଗକୁ ନ ବଢେଇବାକୁ ନିଷ୍ପତି ନେଇଥିବା କହି ଗଣ ମାଧ୍ୟମରେ ପ୍ରକାଶ ନ କରିବାକୁ ଅନୁରୋଧ କରିଥିଲେ। ଆମେ ଆଦିବାସୀ ସମ୍ପ୍ରଦାୟର। ଝିଅ ଆମର ଛୁଟିରେ ଘରକୁ ଆସିଥିଲା। ସେ ସମୟରେ ଆମ ଆଦିବାସୀ ପ୍ରଥାରେ ଝିଅକୁ ସମ୍ପର୍କୀୟ ପୁଅକୁ ଦେବାକୁ ଦୁଇ ପରିବାର ରାଜି ହେଇଥିଲୁ ବୋଲି ଲିଖିତ ପତ୍ରରେ ଉଲ୍ଲେଖ ରହିଛି। ଟୋଲ ଫ୍ରି ନମ୍ବରରେ ଅଭିଯୋଗ ପାଇ ସୋମବାର କୋରାପୁଟ ଡିସିପିଓ ରାଜଶ୍ରୀ ଦାସ ଏବଂ କନସଲଷ୍ଟାଣ୍ଟ ଶିବାନୀ ପାତ୍ର ବିଦ୍ୟାଳୟକୁ ଯାଇ ସମସ୍ତ କର୍ମଚାରୀଙ୍କ ସହ ଦୀର୍ଘ ସମୟ ଧରି ଆଲୋଚା କରିଥିଲେ। ଘଟଣା କେବେ ଘଟିଲା, ଏତେ ଦିନ ହେଲା କେମିତି ଜାଣିପାରିଲେ ନାହିଁ , ଜାଣିବା ପରେ କଣ ପଦକ୍ଷେପ ନେଲେ ଆଦି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ ।ସେଠାରୁ ବାହାରି ଝିଅର ପରିବାରକୁ ଭେଟିବାକୁ ଯାଇ ଝିଅ ଏବଂ ତା ମାଆବାପାଙ୍କ ସହ ଆଲୋଚନା କରି ପୁଣି ସ୍କୁଲକୁ ଫେରିଥିଲେ। ଏ ବିଷୟରେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ଯାହା ଘଟିଥିଲା ଆମେ ଜାଣିବା ପରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିଲୁ । ଘଟଣା ଜାଣିବା ପରେ ତିନି ଦିନ ପରେ କାହିଁକି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଆକାରରେ ଜଣାଇଲେ ବୋଲି ଉଭୟ ଅଧିକାରୀ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିଥିଲେ। ଅନ୍ୟପକ୍ଷରେ ଅଭିଯୋଗ ପାଇ ପୋଲିସ ସ୍କୁଲରେ ପହଞ୍ଚି ଛାତ୍ରୀ ନେଇଥିବା ଟିସି,ଉପସ୍ଥାନ ଖାତା ନେଇଯାଇଥିବା ଜଣାପଡିଛି।

# ଚିତ୍ରକୋଣ୍ଡାରେ ଅଭିଯୋଗ ଶୁଣାଣି ଶିବିର




ଅଭିଯୋଗ ଶୁଣୁଛନ୍ତି ଜିଲାପାଳ ।

ଚିତ୍ରକୋଣ୍ଡା, ୨୮।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସଭାଗୃହରେ ଜିଲାପାଳ ବିଶାଲ ସିଂଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିଡି ଡିଆରଡିଏ ରତ୍ନାକର ସାହୁ, ପିଏ ଆଇଟିଡିଏ ତ୍ରିନାଥ ମାଝୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମ ରଞ୍ଜନ ଦାସ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଫୁଲ୍ଲ ନନ୍ଦ, ଆଡିସିନାଲ ଏସପି, ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରା, ଚିତ୍ରକୋଣ୍ଡା ବିଡିଓ ରଘୁନାଥ ମୁଣ୍ଡାରୀ, ତହସିଲଦାର ଟି. ପଦ୍ମନାଭ ଦୋରା, ଏସ୍‌ଡିପିଓ ଆରସେଲ କିସପୋଟା, ବନାଞ୍ଚଳ ଅଧିକାରୀ ବଳରାମ ନାୟକଙ୍କ ସହ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ଲକର ୧୮ଟି ପଞ୍ଚାୟତରୁ ୩୫ଟି ଅଭିଯୋଗର ଜିଲାପାଳ ଶୁଣାଣି କରିଥିଲେ। ଶୁଣାଣିରେ ଉପାନ୍ତ ଅଞ୍ଚଳବାସୀଙ୍କ ନିମନ୍ତେ ରାସ୍ତା ଘାଟ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇ ଦେବା ନିମନ୍ତେ ଉପସ୍ଥିତ ଗ୍ରାମବାସୀ ପ୍ରସ୍ତାବ ଦେଇଥିଲେ। ସେହିପରି ଉପାନ୍ତ ଅଞ୍ଚଳରେ ବିଦ୍ୟାଳୟ, ଶିକ୍ଷକ ସମସ୍ୟା, ଭଲ ରାସ୍ତା, ବସ ଚଳାଚଳ, ପାନୀୟ ଜଳ, ବିଦ୍ୟୁତ, ନେଟୱର୍କ ସୁବିଧା, ଉତ୍ତମ ସ୍ୱାସ୍ଥ୍ୟ ସେବା ନେଇ ଅଭିଯୋଗ ଆସିଥିଲା।

# ସିବିଆଇ ତଦନ୍ତ ଦାବି କରି କଂଗ୍ରେସର ବିକ୍ଷୋଭ

**ମାଲିପଦର ଫେକ୍ ଏନକାଉଣ୍ଟର ଘଟଣା**

ମାଲକାନଗିରି,୨୮।୧୧ (ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ବୈପାରିଗୁଡା ଥାନା ଅନ୍ତର୍ଗତ ମାଲିପଦର ଗ୍ରାମ ନିକଟସ୍ଥ ଜଙ୍ଗଲରେ ଗତ ୧୦ ତାରିଖ ରାତିରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପୋଲିସ ଏନକାଉଣ୍ଟରରେ ମାଥିଲି ଅଞ୍ଚଳର ଧନ କମାର ନାମକ ଜଣେ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଥିଲା । ତେବେ ତାଙ୍କୁ ମାଓବାଦୀ ବୋଲି ଆଖ୍ୟା ଦେଇଥିଲା ପୋଲିସ । ଏହି ଘଟଣାକୁ ନିନ୍ଦା କରିବା ସହ ଘଟଣାର ସିବିଆଇ ତଦନ୍ତ, ମୃତକଙ୍କ ପରିବାର ଲୋକଙ୍କୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା, ଏନକାଉଣ୍ଟର ଘଟଣାରେ ସାମିଲ ଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କଂଗ୍ରେସ ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ମାଲକାନଗିରି ଜିଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ରଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ କଂଗ୍ରେସ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମାଲକାନଗିରି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଗତ ୧୦ ତାରିଖ ରାତିରେ ଘଟିଥିବା ଏହି ଏନକାଉଣ୍ଟରରେ ମଅତ୍ମ୍ୟବରଣ କରିଥିବା ମୃତକଙ୍କୁ ପୋଲିସ ମାଓବାଦୀ ଆଖ୍ୟା ଦେଇଥିଲା। ଏହାକୁ ପରିବାର ଲୋକେ ତୀବ୍ର ବିରୋଧ କରି ଖଣ୍ଡନ କରିଥିଲେ। ମାଥିଲି ଥାନା ସର୍ଗିଗୁଡା ଗ୍ରାମର ମୃତ ଧନ କମାର ଜଣେ ଦିନ ମଜୁରିଆ। କିଛି ଟଙ୍କା ପାଇବାକୁ ଗଞ୍ଜେଇ ବ୍ୟବସାୟୀଙ୍କ ଗଞ୍ଜେଇ ଭାର ବୋହିବାକୁ ଯାଇଥିଲେ। ମାଓବାଦୀଙ୍କ ସହ ତାଙ୍କର କୌଣସି ପ୍ରକାର ସମ୍ପର୍କ ନାହିଁ। ପୋଲିସ ନିଜ ଅପାରଗତାକୁ ଲୁଚାଇବାକୁ ଏପରି କହୁଥିବା ଅଭିଯୋଗ କରିଥିଲେ।



କଂଗ୍ରେସ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

### ଜ୍ୟୋତିବାରାଓ ଫୁଲେଙ୍କ ଶ୍ରାଦ୍ଧବାର୍ଷିକୀ

କୋରାପୁଟ,୨୮।୧୧(ସ୍ୱ.ପ୍ର.)- ଭାରତୀୟ ସମାଜ ସଂସ୍କାରକ ମହାତ୍ମା ଜ୍ୟୋତିବାରାଓ ଫୁଲେଙ୍କ ୧୩୨ ତମ ଶ୍ରାଦ୍ଧବାର୍ଷିକୀ ସୋମବାର ପାଳିତ ହୋଇ ଯାଇଛି। ଏହି ଅବସରରେ କୋରାପୁଟସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ, କୃଷ୍ଣ କୁଲଦୀପ, ଏମ୍‌ପି ପ୍ରତିନିଧି ବାବୁଲା ବେନ୍ୟା, ବ୍ଲକ ଅଧକ୍ଷା ନମିତା ମାଝୀ, ମାଳି ସମାଜ ସଭାପତି ଦାଶରଥୀ ମାଳି ,ପରଜା ସମାଜ ସଭାପତି ମଦନ କିରସାନଥି, ସମାଜିକ କର୍ମୀ ବୈକୁଣ୍ଠ ମଣ୍ଡଳ, ପୂର୍ବତନ ଅତିରିକ୍ତ ଜିଲାପାଳ ଆଲୋକ ଅନୁଗୁଳିଆ, ଆଇନଜୀବୀ କାମାକ୍ଷା ପ୍ରସାଦ



ମାଝୀ, କାଉନସିଲର ଚନ୍ଦ୍ରପ୍ରଭା ହିଆଲ, ମାଲେଶ୍ୱର ରାଓ, ଦୁର୍ଯ୍ୟୋଧନ ମାଳି,ସ୍ମୃତି କମିଟି ସଦସ୍ୟ ସନ୍ତୋଷ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଜ୍ୟୋତିବା ରାଓଙ୍କୁ ମନେ ପକାଇଥିଲେ।

# ଯୁବ ମତଦାତାଙ୍କୁ ସଚେତନ କରିବାକୁ ୭ ବ୍ଲକ ବୁଲିବ ସଚେତନତା ରଥ



ଯୁବ ମତଦାତାଙ୍କୁ ସଚେତନ ଲାଗି ଅତିଥିଙ୍କ ଦ୍ୱାରା ଉଦ୍‌ଘାଟିତ ରଥ।

ମାଲକାନଗିରି,୨୮।୧୧ (ଡି.ଏନ୍.ଏ.)- ଦେଶରେ ଗଣତନ୍ତ୍ର ପଦ୍ଧତିରେ ମତଦାତାମାନଙ୍କ ବୟସ ସୀମା ୧୮ ବର୍ଷକୁ ଧାର୍ଯ୍ୟ କରାଯାଇଛି। ଭାରତ ସରକାର ଚଳିତ ବର୍ଷ ଏହାର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଫଳରେ ୧୭ ବର୍ଷରୁ ଊର୍ଦ୍ଧ୍ୱ ଯୁବବର୍ଗ ଆଜିଠାରୁ ଅଗ୍ରିମ ଭାବେ ଅନଲାଇନ କିମ୍ବା ବୁଥ୍‌ସ୍ତରୀୟ ଅଧିକାରୀଙ୍କ ସହାୟତାରେ ନିଜକୁ ଜଣେ ଭୋଟର ଭାବେ ନାମ ପଞ୍ଜୀକୃତ କରିପାରିବେ। ଏହାଦ୍ୱାରା ଭୋଟର ସଂଖ୍ୟା ବୃଦ୍ଧି ସହ ନିର୍ବାଚନରେ ମତଦାନ ସଂଖ୍ୟା ବୃଦ୍ଧି ପାଇ ପାରିବ । ଏ ସମ୍ପର୍କରେ ମାଲକାନଗିରି ଜିଲାରେ ଯୁବମତଦାତାଙ୍କୁ ଅବଗତ କରାଇବା ପାଇଁ ସୋମବାର ଏକ ସଚେତନତା ରଥ ଉଦ୍‌ଘାଟିତ ହୋଇଛି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନ ସଚିବ ସୁଜାତା ସାହୁ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏହି ରଥକୁ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଉପ ଜିଲାପାଳ ଅକ୍ଷୟ ଖେମୁଣ୍ଡୁଙ୍କ ସହ ୭ଟି ବ୍ଲକର ବିଡିଓ, ଗ୍ରାମ ପଞ୍ଚାୟତ ଅଧିକାରୀ, ବରିଷ୍ଠ ନାଗରିକ, ଯୁବବର୍ଗ ଉପସ୍ଥିତ ଥିଲେ। ଏହି ସଚେତନତା ରଥ ମାଲକାନଗିରିରୁ ବାହାରି ଜିଲାର ୭ଟି ବ୍ଲକ ଅଞ୍ଚଳରେ ଯୁବ ବର୍ଗଙ୍କୁ ସଚେତନ କରିବ ।

# ସୁନାବେଡା, କୋଟପାଡ ଟିମ୍ ହେଲେ ଯୁଗ୍ମ ବିଜେତା

**କୋରାପୁଟରେ ଭେଟରାନ ଫୁଟବଲ ଟୁର୍ନାମେଣ୍ଟ**

କୋରାପୁଟ,୨୮।୧୧(ସ୍ୱ.ପ୍ର.)

ରାଜ୍ୟସ୍ତରୀୟ ଆଦିବାସୀ ମହୋତ୍ସବ ପରବ ଅବସରରେ କୋରାପୁଟ ପୋଲିସ ପଡିଆଠାରେ ଜିଲାର କୋରାପୁଟ, ଜୟପୁର, ସୁନାବେଡା, କୋଟପାଡ ଆଦି ୪ ପୌରାଞ୍ଚଳର ଟିମ୍‌କୁ ନେଇ ସୋମବାର ଏକ ଭେଟରାନ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନାବେଡା ଓ କୋଟପାଡ ଦଳକୁ ଯୁଗ୍ମ ଭାବେ ବିଜେତା ଘୋଷଣା କରାଯାଇ ପୁରସ୍କୃତ କରାଯାଇଛି । କାର୍ଯ୍ୟକ୍ରମରେ କୋରାପୁଟ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର କୁମାର ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିଥିବା ୪ ଟିମର ସଦସ୍ୟମାନଙ୍କୁ ଅଭିବାଦନ ଜଣାଇ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଜାତୀୟ ଫୁଟବଲ ଖେଳାଳି ଜେ. ହେମା ରାଓ, ଆଇନଜୀବୀ ମନୋଜ ଆଚାର୍ଯ୍ୟ, ଜିଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା, ପୂର୍ବତନ ବିଧାୟକ ଗୁପ୍ତ ପ୍ରସାଦ ଦାସ, ବରିଷ୍ଠ ଫୁଟବଲ ଖେଳାଳି ସୁଧାଂଶୁ ପାଢୀ, କୈଳାସ ମହାପାତ୍ର, ହାଲ ସ୍ପୋର୍ଟସ କ୍ଲବର ବିଘ୍ନେଶ ପ୍ରସାଦ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ସୁନାବେଡା ଓ କୋଟପାଡ ଦଳ ୧-୧ ସ୍ଥିତିରେ ସମାନ ରହିବାରୁ ଉଭୟଙ୍କୁ ଯୁଗ୍ମ ଭାବେ ବିଜେତା ଘୋଷଣା କରାଯାଇଥିଲା । ମୁଖ୍ୟଅତିଥି ମାଝି ଉଭୟ ଦଳକୁ ପୁରସ୍କୃତ କରିଥିଲେ । ପ୍ରେମୋଦ ସେଠୀ ଓ ଜେ ରଞ୍ଜିତ ଟୁର୍ନାମେଣ୍ଟ ପରିଚାଳନାରେ ସହାୟତା କରିଥିଲେ।



ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ଖେଳାଳି।

### ଏନ୍‌ସିସି ଦିବସ ପାଳିତ

ଦାମନଯୋଡି,୨୮।୧୧(ଡି.ଏନ.ଏ.)

ଦାମନଯୋଡିର ନାଲକୋ ଟାଉନଶିପ ସରସ୍ୱତୀ ବିଦ୍ୟାମନ୍ଦିର ଓ ଦିଲ୍ଲୀ ପବ୍ଲିକ ସ୍କୁଲରେ ୭୪ତମ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ.ସି.ସି.) ଦିବସ ପାଳିତ ହୋଇଯାଇଛି। ସାମୂହିକ ସେବା କ୍ଷେତ୍ରରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଏକ ସତନ୍ତ୍ର ପରିଚୟ ରହିଛି। ଏନ.ସି.ସି. କ୍ୟାଡେଟଙ୍କ ମଧ୍ୟରେ ଶୃଙ୍ଖଳା, ରାଷ୍ଟ୍ରପ୍ରେମ, ପ୍ରତିବଦ୍ଧତା ଓ ନେତୃତ୍ୱ ନେବା ଆଦି ଗୁଣାବଳୀ ସୃଷ୍ଟି କରିଥାଏ ।ସରସ୍ୱତୀ ବିଦ୍ୟାମନ୍ଦିରରେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସେଠୀ ଏନ.ସି.ସି.ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। କ୍ୟାଡେଟମାନେ ବିଭିନ୍ନ ସ୍ଲୋଗାନ ଦେଇ ପ୍ଲାକାର୍ଡ ଧରି ସଡ଼କ ସୁରକ୍ଷା ନେଇ ଶୋଭାଯାତ୍ରା କରିଥିଲେ। ସେହିପରି ଦିଲ୍ଲୀ ପବ୍ଲିକ ସ୍କୁଲରେ ଏନ.ସି.ସି.ସେକେଣ୍ଡ ଅଫିସର ଅନିଲ ପଟ୍ଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ବିଭିନ୍ନ ପ୍ଲାକାର୍ଡ ଧରି ସାଇକେଲ ରାଲି କରି ସ୍ୱଚ୍ଛ ଭାରତ ଓ ସଡ଼କ ସୁରକ୍ଷା ନେଇ କ୍ୟାଡେଟ୍‌ମାନେ ଜନସାଧାରଣଙ୍କୁ ସଚେତନ କରିଥିଲେ।

# ରୌପ୍ୟପଦକ ବିଜୟୀ ଶୁଭସ୍ମିତାଙ୍କୁ ସମ୍ବର୍ଦ୍ଧନା

**ସର୍ବଭାରତୀୟ ଭାରୋତ୍ତଳନ ପ୍ରତିଯୋଗିତା**



କୋରାପୁଟ, ୨୮।୧୧(ସ୍ୱ.ପ୍ର.)

ସର୍ବଭାରତୀୟ ଭାର ଉତୋଳନ ପ୍ରତିଯୋଗିତାରେ ଭାଗ ନେଇ ଦ୍ୱିତୀୟ ସ୍ଥାନ ହାସଲ କରି ରୌପ୍ୟ ପଦକ ପାଇ କୋରାପୁଟ ଜିଲା ପାଇଁ ଗୌରବ ଆଣିଛନ୍ତି ଶୁଭସ୍ମିତା ମହାନ୍ତି। କୋରାପୁଟ ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଶୁଭସ୍ମିତା ପୁଣେଠାରେ ଅନୁଷ୍ଠିତ ୭୧ ତମ ପୋଲିସ ଭାର ଉତୋଳନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଆଗକୁ ସ୍ୱର୍ଣ୍ଣପଦକ ହାସଲ କରିବାକୁ ଉଦ୍ୟମ କରିବି ବୋଲି ସେ କହିଛନ୍ତି। ସୋମବାର ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନରେ କୋରାପୁଟରେ ପହଞ୍ଚିବା ପରେ ଜିଲା ହାବିଲଦାର କନଷ୍ଟେବଳ ସଂଘ ସଭାପତି ଜଗନ୍ନାଥ ବେହେରା ଓ ଅନ୍ୟ ସଦସ୍ୟମାନେ ଷ୍ଟେସନଠାରେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ସେହିପରି କୋରାପୁଟ ପୋଲିସ ପଡିଆଠାରେ ଜିଲା ପୋଲିସ ବିଭାଗ ପକ୍ଷରୁ ଶୁଭସ୍ମିତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ଯୋଗଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଆଗକୁ ଅଧିକ ସଫଳତା ହାସଲ ସକାଶେ ପୋଲିସ ବିଭାଗ ପକ୍ଷରୁ ତାଙ୍କୁ ଆନୁସଙ୍ଗିକ ସମସ୍ତ ସୁବିଧା ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଉତ୍କଳ କେଶରୀ ଦାସ ଶୁଭସ୍ମିତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

# ୩ ପଞ୍ଚାୟତରେ ପାଳନ ହେଲା ପଞ୍ଚାୟତସ୍ତରୀୟ ପରବ

ଦଶମନ୍ତପୁର,୨୮।୧୧ (ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ୩ଟି ପଞ୍ଚାୟତରେ ସୋମବାର ପଞ୍ଚାୟତ ସ୍ତରୀୟ ପରବ-୨୦୨୨ ଅନୁଷ୍ଠିତ ହୋଇଯାଇଛି । ମୁର୍କାର ପଞ୍ଚାୟତରେ ସରପଞ୍ଚ ତିଲେଶ୍ୱର ମାଣ୍ଡିଙ୍ଗା, ପିଇଓ ଗଙ୍ଗାଧର ବେହେରା, ଜିଆରଏସ୍ ଅଜିତ ହିଆଲ, କାମେଶ ମାଣ୍ଡିଙ୍ଗା ଙ୍କ ତତ୍ତ୍ୱାବଧାନରେ ଢେମସା ନୃତ୍ୟର ତାଳେ ତାଳେ ସ୍ଥାନୀୟ ହନୁମାନ ମନ୍ଦିରଠାରୁ ଶୋଭାଯାତ୍ରାରେ ମଶାଲ ହାଇସ୍କୁଲସ୍ଥିତ ପରବ ଉତ୍ସବ ପଡିଆକୁ ଅଣାଯାଇଥିଲା । ବିଜେଡି ବ୍ଲକ ସମ୍ପାଦକ ସୁରେଶ ସୁବୁଦ୍ଧିଙ୍କ ସମେତ ୱାର୍ଡ ମେମ୍ବରମାନେ ସହଯୋଗ କରିଥିଲେ। ସେହିପରି ଚଣାବାଡ ପଞ୍ଚାୟତରେ ସରପଞ୍ଚ ରାଜଲକ୍ଷ୍ମୀ ମାଝି, ପିଇଓ କର୍ଣ୍ଣ ରାଉତ, ଯୋଗାଣ ସହାୟକ ସୁବ୍ରତ ଚନ୍ଦନ ଖରା, ସମିତିସଭ୍ୟ ଅମରେନ୍ଦ୍ର ଖୋସଲାଙ୍କ ନେତୃତ୍ୱରେ ସ୍ଥାନୀୟ କିଟେଶସ୍ଥିତ ଶୈବପୀଠରୁ ମଶାଲ ଅଣାଯାଇଥିଲା। ଲୁଲ୍ଲା ପଞ୍ଚାୟତରେ ସରପଞ୍ଚ ଚଞ୍ଚଳା ମୁଦୁଲି, ପିଇଓ କେତନ ହାଲବା, ସମିତିସଭ୍ୟ ସବିତା ହନ୍ତାଳ, ଯୋଗାଣ ସହାୟକ ସୀମାଞ୍ଚଳ ଡୁରୁକଙ୍କ ତତ୍ତ୍ୱାବଧାନରେ ପରବ ପାଳନ ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ସଙ୍ଗୀତ, ଦୌଡ଼, ନୃତ୍ୟ ପ୍ରତିଯୋଗିତା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କୃତୀ ପ୍ରତିଯୋଗୀମାନେ ଆଗାମୀ ଦିନରେ ହେବାକୁ ଥିବା ବ୍ଲକସ୍ତରୀୟ ପରବରେ ଅଂଶଗ୍ରହଣ କରିବେ।

ବ୍ଲକ ଅଧକ୍ଷା ପୂର୍ଣ୍ଣିମା ଜାନୀ, ବିଧାୟକ ପ୍ରତିନିଧି ନାରାୟଣ ବିଶୋୟୀ, ଏମ୍‌ପି ପ୍ରତିନିଧି ରାଜେନ୍ଦ୍ର ହୁଇକା, ପବିତ୍ର ସାଉଁନ୍ତା, ବ୍ଲକ କଂଗ୍ରେସ ସଭାପତି ବେଣୁଧର ପାତ୍ର, ଜୋନ-୨ର ଜିଲା ପରିଷଦ ସଭ୍ୟ ଧନପତି ସାଉଁନ୍ତା, ଚିକାମ ସମିତି ସଭ୍ୟ ପଦ୍ମନାଭ ଜାନି, ସରପଞ୍ଚ ସାଇବେଣି ଜାନି, ବିଜୁ ଛାତ୍ର ଜନତା ଦଳ ସମ୍ପାଦକ ଜୟଦେବ ହିଆଲ, ସୁବାସ ଖୋସଲା, ଦିଲୀପ ବାଘ, ତ୍ରିନାଥ ବିଶୋୟୀ, ହେମନ୍ତ କୁମାର ବାଘ ପ୍ରମୁଖ ଉପରୋକ୍ତ ୩ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ପରବ ଉତ୍ସବରେ ଅତିଥି ରୂପେ ଯୋଗ ଦେଇଥିଲେ।



ପଞ୍ଚାୟତ ସ୍ତରୀୟ ପରବ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

# ୪ ଦଫା ଦାବି ନେଇ ଅଙ୍ଗନୱାଡି କର୍ମୀଙ୍କ ଆନ୍ଦୋଳନ

- ଜିଲାର ୩୨୦୦ କେନ୍ଦ୍ର ପ୍ରଭାବିତ
- କୋରାପୁଟ ବ୍ଲକରେ ପ୍ରଭାବିତ ହୋଇଛି ୨୩୨ କେନ୍ଦ୍ର
- ସରକାର ଦାବି ପୂରଣ ନ କଲେ ଆଗାମୀ ନିର୍ବାଚନରେ ଦେବେ ଜବାବ

କୋରାପୁଟ/ଜୟପୁର, ୨୮।୧୧(ସ୍ୱ.ପ୍ର./ନି.ପ୍ର.)

ସରକାରୀ ମାନ୍ୟତା ପ୍ରଦାନ, ମାସିକ ୨୧ ହଜାର ଟଙ୍କା ଦରମା ପ୍ରଦାନ ସହ ୩ ଦଫା ଦାବିରେ ଅଙ୍ଗନୱାଡି କର୍ମୀମାନେ ଜିଲାର ସମସ୍ତ ଆଇସିଡିଏସ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଫଳରେ ଜିଲାର ସମସ୍ତ ପ୍ରି ସ୍କୁଲ କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ଅନ୍ୟ କାର୍ଯ୍ୟକ୍ରମ ଏକପ୍ରକାର ଠପ ହୋଇଯାଇଛି। ସେମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ କୋରାପୁଟ ଜିଲାର ୩୨୦୦ ଅଙ୍ଗନୱାଡି କେନ୍ଦ୍ର ପ୍ରଭାବିତ ହୋଇଥିବା ଜଣାଯାଇଛି। କେବଳ କୋରାପୁଟ ବ୍ଲକରେ ୨୩୭ଟି ଅଙ୍ଗନୱାଡି କେନ୍ଦ୍ର ପ୍ରଭାବିତ ହୋଇଛି। ସୋମବାର ଉପରୋକ୍ତ ଦାବି ନେଇ ଆଇସିଡିଏସ କାର୍ଯ୍ୟାଳୟ ସମ୍ମୁଖରେ କର୍ମୀମାନେ ଧାରଣା ଦେଇଥିବା ଜଣାଯାଇଛି । ସରକାରୀ ମାନ୍ୟତା ସହ ଦରମା ବୃଦ୍ଧି ଦାବି ସେମାନଙ୍କ ପ୍ରମୁଖ ଦାବି ରହିଛି ବୋଲି ଜିଲା ସମ୍ପାଦିକା ଲକ୍ଷ୍ମୀ ହୋତା ପ୍ରକାଶ କରିଛନ୍ତି।



ଜୟପୁରରେ ଧାରଣାରେ ବସିଥିବା ଅଙ୍ଗନୱାଡି କର୍ମୀମାନେ।

କୋଭିଡ ସମୟରେ ଅଙ୍ଗନୱାଡି କର୍ମୀମାନଙ୍କୁ କୋଭିଡ ଯୋଦ୍ଧା ରୂପେ ଘୋଷଣା କରିଥିଲେ । ମାତ୍ର ଏବେ ରାଜ୍ୟ ସରକାର ସେସବୁ ଭୁଲି ଯାଇଥିବା ସେ ଅଭିଯୋଗ କରିଛନ୍ତି। ଯଦି ସରକାର ସେମାନଙ୍କ ଦାବି ପୂରଣ ନ କରନ୍ତି ତେବେ ଆସନ୍ତା ସାଧାରଣ ନିର୍ବାଚନରେ ଉଚିତ ଜବାବ ଦିଆଯିବ ବୋଲି ସେ କହିଛନ୍ତି।

ଭାରତୀୟ ମଜଦୁର ସଂଘ ପ୍ରବନ୍ଧିତ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନର ସମସ୍ତ ସଭ୍ୟ ଓ କାର୍ଯ୍ୟକର୍ତ୍ତା ବିଭିନ୍ନ ଦାବି ନେଇ ଜୟପୁର ବ୍ଲକ ଶିଶୁ ବିକାଶ ବିଭାଗ ଅଧୀନରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଆଇସିଡିଏସ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ଦାବି ପୂରଣ ନ ହେବା ଯାଏ ଜିଲାର ପ୍ରତ୍ୟେକ ବ୍ଲକ ମୁଖ୍ୟାଳୟରେ ଧାରଣା ଚାଲୁ ରହିବ ବୋଲି ସଂଘ ତରଫରୁ କୁହାଯାଇଛି। ବ୍ଲକ ସଭାନେତ୍ରୀ ଅହଲ୍ୟାବାଈ ପଣ୍ଡା ଏବଂ ସମ୍ପାଦିକା ଗାଙ୍ଗି ପାଳଙ୍କ ନେତୃତ୍ୱରେ ଚାଲିଥିବା ଏହି ଆନ୍ଦୋଳନରେ ଅଙ୍ଗନୱାଡି କର୍ମୀମାନେ ସାମିଲ ହୋଇଛନ୍ତି। ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ଘୋଷଣା କରିବା, ମାସକୁ ୨୧ ହଜାର ଦରମା ଦେବା, ମିନି କର୍ମୀଙ୍କୁ ଅଙ୍ଗନୱାଡି କର୍ମୀ ରୂପେ ଘୋଷଣା କରିବା, ଗରମ ରନ୍ଧାଖାଦ୍ୟର ମୂଲ୍ୟ ବୃଦ୍ଧି କରିବା, ଚାକିରିରୁ ଛଟେଇ କର୍ମୀଙ୍କୁ ପୁଣି ଅବସ୍ଥାପିତ କରିବା ଆଦି ସେମାନଙ୍କ ଦାବି ରହିଛି ।

**ସଂକ୍ଷେପରେ**

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଆହତ

ପାପଡ଼ାହାଣ୍ଡି,୨୮।୧୧(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମଇଦଲପୁରରୁ ଚରାମୂଳା ରାସ୍ତାରେ ରବିବାର ବିଳମ୍ବିତ ରାତିରେ ୨ବାଇକ ଧକ୍କା ହେବ ଫଳରେ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ହିର୍ଲି ଗ୍ରାମର ଲକ୍ଷ୍ମଣ ନାୟକ। ଆହତଙ୍କ ପରିଚୟ ମିଳିପାରିନାହିଁ। ଲକ୍ଷ୍ମଣ ଏକ ବାଇକ (ଓଡି-୨୪ଏଫ୍-୨୬୬୧)ରେ ଜାମ୍ବଗୁଡାରୁ ନିଜ ଗ୍ରାମ ହିର୍ଲିକୁ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ବାଇକ ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ତଳେ ପଡିଯାଇ ଲକ୍ଷ୍ମଣ ଗୁରୁତର ହୋଇଥିଲେ। ଗୁରୁତର ଲକ୍ଷ୍ମଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ଲକ୍ଷ୍ମଣଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ମଇଦଲପୁର ଫାଣ୍ଡିରେ ମୃତକଙ୍କ ଦାଦା ଇନ୍ଦ୍ର କୁମାର ନାୟକ ଏକ ଲିଖିତ ଅଭିଯୋଗ ଦେବାପରେ ପାପଡ଼ାହାଣ୍ଡି ପୋଲିସ କେସ ନଂ ୨୦୦/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ରାଜ୍ୟ ବିଦ୍ୟୁତ୍ ନିଗମ ଯନ୍ତ୍ରୀ ସଂଘ ବୈଠକ

ଜୟପୁର, ୨୮।୧୧(ନି.ପ୍ର.)- ଜୟପୁର ବିଦ୍ୟୁତ ମଣ୍ଡଳ ଅଧୀନରେ ଥିବା ସମସ୍ତ ବିଦ୍ୟୁତ୍ ଖଣ୍ଡ, ଜୟପୁର ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରିରେ କାର୍ଯ୍ୟରତ ସମସ୍ତ ଡିପ୍ଲୋମା ଯନ୍ତ୍ରୀମାନଙ୍କ ମଣ୍ଡଳ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଦ୍ୟୁତ ନିଗମ ଯନ୍ତ୍ରୀ ସଂଘର ସାଧାରଣ ସମ୍ପାଦକ ରଶ୍ମି ରଞ୍ଜନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ସଂଘ ଉପ ସାଧାରଣ ସମ୍ପାଦକ ସନ୍ତୋଷ ମହାନ୍ତି, ଉପ ସଭାପତି ସରୋଜ ମିଶ୍ର ଏବଂ କୋଷାଧ୍ୟକ୍ଷ ସୁଧୀର ଗୌଡ ଅତିଥି ରୂପେ ଉପସ୍ଥିତ ଥିଲେ। ଜୟପୁର ମଣ୍ଡଳର ସାଧାରଣ ସମ୍ପାଦକ ରୁପକ ଦାଶ



ସଭା ପରିଚାଳନା କରିଥିଲେ। ବୈଠକରେ ଡିପ୍ଲୋମା ବିଦ୍ୟୁତ ଯନ୍ତ୍ରୀମାନଙ୍କ ପଦୋନ୍ନତି, ଉଚିତ ପଦୋନ୍ନତି ଅନୁଯାୟୀ ଉପଯୁକ୍ତ ଥଇଥାନ, ସର୍ବୋଚ୍ଚ ପଦ ପର୍ଯ୍ୟନ୍ତ ପ୍ରତିବନ୍ଧକକୁ ଦୂର କରିବା, ଉପଭୋକ୍ତାଙ୍କୁ ଉପଯୁକ୍ତ ବିଦ୍ୟୁତ ସେବା ଯୋଗାଇ ଦେବା ନିମନ୍ତେ ସେକ୍ସନ, ସବ୍ ଡିଭିଜନ ଏବଂ ଡିଭିଜନଗୁଡିକର ସଂକ୍ଷିପ୍ତି କରଣ, ସଂଘର ସଭ୍ୟମାନଙ୍କ ନିଯୁକ୍ତି ସମ୍ପର୍କିତ ବ୍ୟକ୍ତିଗତ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହି ସବୁ ଦାବି ଟିପିଏସଓଡିଏଲ ପରିଚାଳନା ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଥିଲା। ଦାବିଗୁଡିକ ଉପରେ ଉଚିତ ପଦକ୍ଷେପ ନ ନେଲେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ମୋହନ ପାଢୋଇ, ପ୍ରଦୀପ ଚୌଧୁରୀ, ରଜତ ମିଶ୍ର, ସନ୍ତୋଷ ପଣ୍ଡା, ପବିତ୍ର ସାହୁ, ସୁବାସ ଚନ୍ଦ୍ର ବେହେରା, ସୁଶାନ୍ତ ପ୍ରଧାନ, କାଳି ଚରଣ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସନ୍ତୋଷଜନକ ରିପୋର୍ଟ ନ ହେଲେ ଅନ୍ୟ ଅଧିକାରୀ ତଦନ୍ତ କରିବେ: ଜିଲାପାଳ

ନବରଙ୍ଗପୁର,୨୮।୧୧(ବି.ପ୍ର.)

ଲମ୍ବା ଛୁଟିରେ ଥାଇ ମଧ୍ୟ ନବରଙ୍ଗପୁର ଜିଲା ଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ଶିକ୍ଷୟିତ୍ରୀଙ୍କୁ ଦରମା ମିଳିଥିବା ନେଇ ଖବର ପ୍ରକାଶ ପରେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ। ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ ପରେ ବାଟ ଖୋଜୁଛନ୍ତି ନିୟମ ଭାଙ୍ଗିଥିବା ଅଧିକାରୀ ଓ ଶିକ୍ଷକ। ଖବର ପ୍ରକାଶ ନ କରିବାକୁ ଚାପ ସୃଷ୍ଟି ସହ ଅନ୍ୟ ଗଳା ବାଟ ଖୋଜୁଛନ୍ତି। ଅନ୍ୟପଟେ ପରିଚାଳନା କମିଟି ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଚାହୁଁଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ସଠିକ ତଦନ୍ତରେ ଶିଥିଳତା ହେଲେ ଏହା ନିୟମ ଭାଙ୍ଗୁଥିବା ଅଧିକାରୀ, ଶିକ୍ଷୟିତ୍ରୀଙ୍କୁ ସୁରକ୍ଷାର ସୁଯୋଗ ଦେବା ଭଳି ହେବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

ନବରଙ୍ଗପୁର ଜିଲା ଶିକ୍ଷା ବିଭାଗରେ ବିଭିନ୍ନ ଅନିୟମିତତା ସହ ଲମ୍ବାଛୁଟିରେ ଥାଇ ଶିକ୍ଷୟିତ୍ରୀଙ୍କୁ ଦରମା ପ୍ରଦାନ କରାଯାଇଛି। ସେହିଭଳି ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବଙ୍କ ନିର୍ଦ୍ଦେଶ ପରେ ଲମ୍ବାଛୁଟିରେ ଥିବା ପ୍ରାଥମିକ ଶିକ୍ଷକଙ୍କ ତାଲିକା ପ୍ରଦାନ କରାଯାଇଥିବାବେଳେ ମାଧ୍ୟମିକ ଶିକ୍ଷା ବିଭାଗ ତରଫରୁ ଶିକ୍ଷକଙ୍କ ତାଲିକା ପ୍ରଦାନ କରାଯାଇ ନାହିଁ। ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ମେଣ୍ଟ୍ରି ସରକାରୀ ୟୁଜି ହାଇସ୍କୁଲର କ୍ରୀଡ଼ା ଶିକ୍ଷୟିତ୍ରୀ ଲମ୍ବା ଛୁଟିରେ ଥିଲେ। ପ୍ରଧାନଶିକ୍ଷକଙ୍କ ଛୁଟି ରିପୋର୍ଟ ଡିଇଓଙ୍କୁ ପ୍ରଦାନ ପରେ ମଧ୍ୟ ଜିଲା ଶିକ୍ଷା ବିଭାଗରୁ ୩ ମାସର ନିୟମିତ ଦରମା କ୍ରୀଡ଼ା ଶିକ୍ଷୟିତ୍ରୀଙ୍କୁ ମିଳିଛି। ଘଟଣାର ସତ୍ୟତା ଥିଲେ ଟଙ୍କା ରିକଭରି ସହ ନିୟମ ଉଲ୍ଲଙ୍ଘନ କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯିବ

**ଲମ୍ବା ଛୁଟିରେ ଥାଇ ଶିକ୍ଷୟିତ୍ରୀଙ୍କୁ ଦରମା ମିଳିବା ଘଟଣା**

ବୋଲି ଡିଇଓ ପ୍ରଦୀପ କୁମାର ନାଗ କହିଥିଲେ। କିନ୍ତୁ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ସେହିଭଳି ଝରିଗାଁ ବ୍ଲକର ଚଚା ସରକାରୀ ୟୁଜି ହାଇସ୍କୁଲ କ୍ଲାସିକାଲ (ସଂସ୍କୃତ) ଶିକ୍ଷୟିତ୍ରୀ ୬ ମାସ ହେବ ଲମ୍ବା ଛୁଟିରେ ରହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କିନ୍ତୁ ଶିକ୍ଷୟିତ୍ରୀ ଦାଶଙ୍କ ଉପସ୍ଥିତ ରିପୋର୍ଟ ପ୍ରଦାନ କଲେ। ଏହାକୁ ଆଧାର କରି ଜିଲା ଶିକ୍ଷା ବିଭାଗରେ ନିୟମିତ ଦରମା ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ମିଳିଛି। ଘଟଣାକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ଅଭିଯୋଗ ମଧ୍ୟ କରିଛନ୍ତି। ତଥାପି ଜିଲା ଶିକ୍ଷା ବିଭାଗ ତଦନ୍ତ ନାଁରେ ନାଗର ରହିଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ସେହିଭଳି ଲମ୍ବାଛୁଟି ତାଲିକାରେ ପ୍ରାଥମିକ ବିଦ୍ୟାଳୟର ୧୭ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନାମ ଗଣଶିକ୍ଷା ବିଭାଗକୁ ପ୍ରଦାନ କରାଗଲା। ମାଧ୍ୟମିକ ଶିକ୍ଷକଙ୍କ ତଥ୍ୟ ପ୍ରଦାନ କରାଗଲାନାହିଁ। ତେବେ ଏହି ସମସ୍ତ ଘଟଣାକୁ ନେଇ ଖବର ପ୍ରକାଶ ନ କରିବାକୁ ଶିକ୍ଷା ବିଭାଗର ଜଣେ ଅବସରପ୍ରାପ୍ତ ଅଧିକାରୀ ଓ ଜଣେ ବ୍ୟବସାୟୀ ଚାପ ସୃଷ୍ଟି କରୁଛନ୍ତି। ଏ ସମସ୍ତ ଘଟଣା ସମ୍ପର୍କରେ ଜିଲାପାଳ କମଳଲୋଚନ ମିଶ୍ରଙ୍କୁ ଅବଗତ କରାଯିବାରୁ ସମସ୍ତ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସନ୍ତୋଷଜନକ ରିପୋର୍ଟ ନ ଆସିଲେ ଅନ୍ୟ ଅଧିକାରୀଙ୍କ ମାଧ୍ୟମରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# କେରେଙ୍ଗ ବସ୍ତ୍ର, ତନ୍ତକୁ ପୁନର୍ଜୀବିତ ନେଇ ଇନ୍‌ଟାକ ପକ୍ଷରୁ ପ୍ରୟାସ



ଇନ୍‌ଟାକ୍ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

କୋରାପୁଟ ,୨୮।୧୧(ସ୍ୱ.ପ୍ର.)
କୋରାପୁଟ ଜିଲାରେ ବସବାସ କରୁଥିବା ଗଦବା ଜନଜାତିର କେରେଙ୍ଗ ବସ୍ତ୍ର ଓ ତନ୍ତକୁ ପୁର୍ନଜୀବିତ ପାଇଁ ଇନ୍‌ଟାକ, କୋଟସ୍ ଓ କୋରାପୁଟ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏକ ପ୍ରକଳ୍ପ ଆରମ୍ଭ ହୋଇଛି। ଇନ୍‌ଟାକ ଓଡିଶା ଶାଖାର ବରିଷ୍ଠ କର୍ମକର୍ତ୍ତା, ଓରମାସ ହସ୍ତତନ୍ତ ବିଭାଗ ଓ ଆଇଟିଡିଏ ବରିଷ୍ଠ ଅଧିକାରୀ ଲମତାପୁଟ ବ୍ଲକର କାଙ୍ଗରାପଡା ଓ ଗୋଡିହଞ୍ଜର ଗଦବା ଜନଜାତିର ମହିଳା ଓ ପୁରୁଷଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ଏହି ଟିମ୍‌ରେ ଇନ୍‌ଟାକର ସଦସ୍ୟ ତଥା ପୂର୍ବତନ ଡିଜି ଏବି ତ୍ରିପାଠୀ, ଇନ୍‌ଟାକ୍ ଅଧ୍ୟକ୍ଷ ତଥା ପୂର୍ବତନ କୋରାପୁଟ ଜିଲାପାଳ ସଞ୍ଜୀବ ହୋତା, ବରିଷ୍ଠ ବିଶେଷଜ୍ଞ ଅନିଲଧିରଙ୍କ ସମେତ ବହୁ ସଦସ୍ୟ କୋରାପୁଟ ଜିଲାର ଲମତାପୁଟ ବ୍ଲକର କାଙ୍ଗରାପଡା ଓ ଗୋଡିହଞ୍ଜର ଗସ୍ତ କରିଥିଲେ। ଜିଲାର ବିଶେଷ କରି ପଟ୍ଟାଙ୍ଗି, ନନ୍ଦପୁର ଓ ଲମତାପୁଟ ବ୍ଲକରେ ରହୁଥିବା ଗଦବା ଜନଜାତିର ଲୋକେ ପୁରୁଷ ପୁରୁଷ ଧରି କେରେଙ୍ଗ ଗଛର ଛାଲିରୁ ପ୍ରସ୍ତୁତ ସୂତାରେ ବସ୍ତ୍ର ବୁଣି ତାକୁ ପିନ୍ଧି ଆସୁଥିଲେ ହେଁ ଗତ କିଛି ବର୍ଷ ହେବ ସେମାନଙ୍କ ପାଖରେ ଏହି ପାରମ୍ପରିକ ବସ୍ତ୍ର ଓ ଓ ଏହାକୁ ବୁଣିବା ପାଇଁ ବ୍ୟବହାର କରାଯାଉଥିବା ତନ୍ତର ବ୍ୟବହାର କମି ଯାଉଥିବା ନେଇ ଗଡିହଞ୍ଜର ଗ୍ରାମରେ

**ଏହା କେବଳ ଏକ ବସ୍ତ୍ର ନୁହେଁ ବରଂ ସଂସ୍କୃତିର ବାର୍ତ୍ତାବହ**

ବାସ କରୁଥିବା ଗଦବା ଜନଜାତିର ଗବେଷକ କହିଛନ୍ତି। ଜଙ୍ଗଲରେ କେରେଙ୍ଗ ବୃକ୍ଷ ଜଙ୍ଗଲ ନିଆଁରେ ନଷ୍ଟ ପ୍ରାୟ ହୋଇଯାଇଥିବାବେଳେ ଅନେକ ତନ୍ତ ମଧ୍ୟ ଭାଙ୍ଗିରୁଜି ଯାଇଥିବା ସେ କହିଛନ୍ତି। ତେବେ ଗତ କିଛି ମାସ ତଳେ କୋରାପୁଟ ଜିଲାରେ ଇନ୍‌ଟାକ କର ବିଶେଷଜ୍ଞମାନେ ଆଦିବାସୀ ଜନଜାତିଙ୍କ କଳା ଓ ସଂସ୍କୃତି ସମ୍ପର୍କରେ ଅଧ୍ୟୟନ କରିବା ସମୟରେ କେରେଙ୍ଗ ବସ୍ତ୍ର ଲୁପ୍ତପ୍ରାୟ ହୋଇଯାଉଥିବା ଆଶଙ୍କା କରିଥିଲେ। ଏହି ଆଶଙ୍କାକୁ ବ୍ୟକ୍ତ କରିବା ପରେ ଦିଲ୍ଲୀସ୍ଥିତ ଇନ୍‌ଟାକ ମୁଖ୍ୟ କାର୍ଯ୍ୟାଳୟ ଏହି ପାରମ୍ପରିକ ବସ୍ତ୍ରର ପୁନରୁଦ୍ଧାର ସକାଶେ ଏକ ଯୋଜନା ଅନୁମୋଦନ କରିଥିଲେ। ଏହି ଯୋଜନାର ସଫଳ ରୂପାୟନ କରି ଏହି ଲୁପ୍ତପ୍ରାୟ କଳା ଓ ବସ୍ତ୍ରକୁ ପୁର୍ନଜିବିତ କରିବା ଲାଗି ସବୁସ୍ତରରୁ ଉଦ୍ୟମ ଆରମ୍ଭ ହୋଇଥିବା ଆଇଟିଡିଏର ପ୍ରକଳ୍ପ ଅଧିକାରୀ ସତ୍ୟ ରଞ୍ଜନ ମହାନ୍ତି ପ୍ରକାଶ କରିଛନ୍ତି। କେରଙ୍ଗ ଗଛର ତନ୍ତରୁ ସୂତା ବାହାର କରି ସ୍ୱତନ୍ତ୍ର ତନ୍ତରେ ପିଢି ପରେ ପିଢି ବ୍ୟବହୃତ ହେଉଥିବା ଯୋଗୁ ଏହା କେବଳ ଏକ ବସ୍ତ୍ର ନୁହେଁ ବରଂ ସଂସ୍କୃତିର ବାର୍ତ୍ତାବହ ବୋଲି କାଙ୍ଗରାପଡାର ଶିକ୍ଷିତ ଯୁବତୀ ଦିପା ଶିଶା କହିଛନ୍ତି।

# ୩୦ରେ ଭୁବନେଶ୍ୱରରେ ଦାବି ଜଣାଇବ ପାଚିକା ସହାୟକ ସଂଘ




ବୈଠକରେ ଯୋଗଦେବାକୁ ଆସିଥିବା ପାଚିକାମାନେ।

ଡାବୁଗାଁ, ୨୮।୧୧(ଡି.ଏନ୍.ଏ.)
କୋଇଲାରି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନବରଙ୍ଗପୁର ଜିଲାର ପାଚିକା ସହାୟକ ସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ବୁଧବାର ପାଚିକା ସଂଘ ଭୁବନେଶ୍ୱରରେ ଏକ ବିରାଟ ରାଲି କରି ନିଜର ଦାବି ଜଣାଇବ ବୋଲି ବୈଠକରେ ଆଲୋଚନା ହୋଇଛି।

ପାଚିକାମାନେ ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ସବୁ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ରାନ୍ଧିବା କାମ ସୁଚାରୁ ରୂପେ ତୁଲାଇ ଆସୁଛନ୍ତି। ସକାଳ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାର୍ଯ୍ୟ କରିଆସୁଥିଲେ ମଧ୍ୟ ତଦନୁଯାୟୀ ଦରମା ମିଳୁନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟ ସରକାରୀ ବିଭାଗ ପାଚିକାଙ୍କ ତୁଳନାରେ କମ୍ ମଜୁରି ମିଳୁଛି। ବର୍ତ୍ତମାନ ଦରମା ୧୪୦୦ ଟଙ୍କା ଯାହାକି ସମୁଦ୍ରକୁ ଶଙ୍ଖେ ବୋଲି ବୈଠକରେ ପାଚିକାମାନେ ମତ ରଖିଥିଲେ। ପାଚିକାଙ୍କ ଦରମା ୧୦ହଜାର ଟଙ୍କାକୁ ବୃଦ୍ଧି କରିବାକୁ ୩୦ତାରିଖ ବୁଧବାର ପାଚିକା ସଂଘ ଭୁବନେଶ୍ୱର ଯାଇ ଦାବିପତ୍ର ପ୍ରଦାନ କରିବେ ବୋଲି ଉକ୍ତ ବୈଠକରେ ଆଲୋଚନା ହୋଇଛି। ଏହି ବୈଠକରେ ଜିଲା ପାଚିକା ସଂଘ ସଭାନେତ୍ରୀ ମନକି ଜାନି, ଉପସଭାପତି ଫୁଲ ଜାନି, କୋଷାଧ୍ୟକ୍ଷ ବିଦ୍ୟବତୀ ବିଷୋୟୀ, ସମ୍ପାଦକ ଆସ୍‌ମା ବେଗମ ଓ ସଂଘର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

## ଚାଷୀଙ୍କ ପାଇଁ ସଚେତନତା ଶିବିର

ତେନ୍ତୁଲିଖୁଣ୍ଟି, ୨୮।୧୧(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକରେ ଚାଷୀମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ମିଳିବାରେ ଅନେକ ଅସୁବିଧା ହେଉଛି। ଉକ୍ତ ଅସୁବିଧାର ସମାଧାନ ଓ ଏ ଦିଗରେ ସଚେତନତା ପାଇଁ ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକଙ୍କ ଉଦ୍ୟମରେ ଆତ୍ମା କାର୍ଯ୍ୟାଳୟରେ ଏକ ଶିବିର କରାଯାଇଛି। ଏହି କ୍ୟାମ୍ପକୁ ଦୁଇଟି ଜନସେବା କେନ୍ଦ୍ର ତଥା ଦୁଇଟି ଶାଖା ପୋଷ୍ଟ ଅଫିସର ଅଧିକାରୀ ଯୋଗଦେଇ ସମସ୍ୟାର ତ୍ୱରିତ ସମାଧାନ କରିଥିଲେ। ବିଶେଷଭାବେ ଇ-କେୱାଇସି ଆଧାର କାର୍ଡ ସହ ମୋବାଇଲ ନମ୍ବର ସଂଯୋଗୀକରଣ ପିଏମ୍ କିଷାନ ଯୋଜନାର ଉପଲବ୍ଧିରେ ଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ୧୫ ପଞ୍ଚାୟତର ୭୦୦ରୁ ଉର୍ଦ୍ଧ୍ୱ ସାତ ଚାଷୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିପିଏମ୍ ପ୍ରିୟଙ୍କା ପାତ୍ର, ଫାଲ୍‌ଗୁନି ଅମନାତ୍ୟ, ଶ୍ରୀକାନ୍ତ ପ୍ରମୁଖ ଯୋଗଦେଇ ଥିଲେ। କୃଷି ଓଭରସିୟର ଧୀରେନ ବେନ୍ୟା, ହରିଶଙ୍କର ତ୍ରିପାଠୀ, ଏଟିଏମ୍ ଆଶିଷ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଭନପୁର ଡକ୍ଟର ଏକାଦଶକୁ ହରାଇ ଆର୍‌ସିସି ଚାମ୍ପିୟନ

ଚନ୍ଦାହାଣ୍ଡି, ୨୮।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲାର ପଡ଼ୋଶୀ ଛତିଶଗଡ଼ ଗରିଆବନ୍ଧ ଜିଲା ଦେଓଭୋଗ ବ୍ଲକ ଅଧୀନ ଝିରିପାଣି, ଖୋକସରା, ନିଷ୍ଟିଗୁଡା, ସୁପେବେଡା ଓ ସେନମୁଡା ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଘନରାମ ସାହୁ ଷ୍ଟାଡିୟମରେ ଆୟୋଜିତ ଜେକେଏନ୍‌ଏସ୍‌ଏସ୍ ଆନ୍ତଃରାଜ୍ୟ କ୍ରିକେଟ୍ ପ୍ରତିଯୋଗିତାରେ ରୟାଲ କ୍ରିକେଟ କ୍ଲବ(ଆରସିସି) ଚାମ୍ପିୟନ ହୋଇଛି। ରବିବାର ଆର୍‌ସିସି ଓ ଅଭନପୁର ଡକ୍ଟର ଏକାଦଶ (ଛତିଶଗଡ଼) ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ଅଭନପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୦୯ ରନ ସଂଗ୍ରହ କରିଥିଲା। ଆରସିସି ଦଳ ପୂର୍ଣ୍ଣ ମାଝୀଙ୍କ ବିସ୍ଫୋରକ ୧୩ ବଲରେ ୪୪ ରନ ସହାୟତାରେ ୮ ଓଭରରେ ଧାର୍ଯ୍ୟ ରନ୍ କରିପାରିଥିଲା। ଉଦ୍‌ଯାପନୀ



ଅତିଥିଙ୍କ ସହ ବିଜୟୀ ଦଳର ଖେଳାଳିମାନେ।

ମ୍ୟାଚରେ ଧମତରି ଜିଲା ଆଇଟିଆଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଲୋକେନ୍ଦ୍ର ସିଂ କୋମଗ୍ରା ମୁଖ୍ୟଅତିଥି ଓ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଧର୍ମଗଡ଼ ବ୍ଲକ ଜିଲା ପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ, ଦେଶବନ୍ଧୁ ନାୟକ, ଖୀରଲାଲ ନାଗେଶ, ଭୂପେନ୍ଦ୍ର ମାଝି, ବଳରାମ ପଟ୍ଟନାୟକ, ସୁରଜ ମାଝି ପ୍ରମୁଖଙ୍କ ସହ ଝିରିପାଣି, ନିଷ୍ଟିଗୁଡା, ଖୋକସରା, ସୁପେବେଡା ଓ ସେନମୁ ସରପଞ୍ଚ ଓ

**ଜେକେଏନ୍‌ଏସ୍‌ଏସ୍ କ୍ରିକେଟ୍ ଟୁର୍ନାମେଣ୍ଟ**

ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ। ବିଜେତା ଦଳକୁ ୫୧ ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୩୧ ହଜାର ଟଙ୍କା ସହ ଟ୍ରଫି ଦିଆଯାଇଛି। ପୂର୍ଣ୍ଣ ମାଝିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଆରସିସି ଦଳର ଅଧିନାୟକ ଅମିତଙ୍କୁ ମ୍ୟାନ ଅଫ ଦି ସିରିଜଭାବେ ଅତିଥିମାନେ ପୁରସ୍କୃତ କରିଛନ୍ତି। ଫାଇନାଲ ମ୍ୟାଚରେ ଗୋପବନ୍ଧୁ ସାହୁ ଓ କମଳ ନାୟକ ଅମ୍ପାୟାର, ଶୈଳେଶ ନାୟକ, କ୍ଷେମରାଜ ଯାଦବ ସ୍କୋରର, ବିନୟ ସାହୁ, ତେଜରାଜ ଠାକୁର, ଜୟନ୍ତ ବାରିକ, ଭୱର ମରକାମ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ।

# ମଣ୍ଡିରେ ଅଧିକ ପରିମାଣର ମାଣ୍ଡିଆ ବିକ୍ରି ଉପରେ ଗୁରୁତ୍ୱ

ଚିତ୍ରକୋଣ୍ଡା,୨୮।୧୧(ଡି.ଏନ.ଏ.)
ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ଥାନୀୟ ଶିଶୁ ଓ ମହିଳା କଲ୍ୟାଣ ସମିତି ଦାରା ପରିଚାଳିତ ଓଡିଶା ମିଲେଟ ମିଶନ କାର୍ଯ୍ୟକ୍ରମରେ ସାମିଲ ଥିବା ଚାଷୀଙ୍କୁ ନେଇ ଗଠିତ ଗୁରୁପ୍ରିୟା ଫାର୍ମସ ପ୍ରଡୁସର କମ୍ପାନୀର ସୋମବାର ଦ୍ୱିତୀୟ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବ୍ଲକ କୃଷି ଅଧିକାରୀ ପରମେଶ୍ୱର ଜେନା, ସମ୍ମାନିତ ଅତିଥି ଭାବେ ଆଇସିଡିଏସ ସୁପରଭାଇଜର ଶରତ ମଞ୍ଜରୀ ସ୍ୱାଇଁ, ସମାଜିକ କର୍ମୀ ଦିଲୀପ ପଣ୍ଡା ଏବଂ ଶିଶୁ ଓ ମହିଳା କଲ୍ୟାଣ ସମିତିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଉକ୍ତ ଗୁରୁପ୍ରିୟା ଫାର୍ମସର ୧୭୧ଜଣ ସେୟାର ହୋଲଡର ଉପସ୍ଥିତ ଥିଲେ। ବୈଠକରେ ଆୟବ୍ୟୟର ବିବରଣୀ ସିଇଓ ଲବକୁଶ ଖେମୁଡୁ ଉପସ୍ଥାପନ କରଥିଲେ। ଚଳିତ ବର୍ଷ କମ୍ପାନୀ ମାଧ୍ୟମରେ ହୋଇଥିବା ଲାଭ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଅଧିକ ସେୟାର ହୋଲଡର ସାମିଲ କରି କମ୍ପାନୀ ମାଧ୍ୟମରେ ଭଲ ଯୋଜନା ମୁତାବକ ବ୍ୟବସାୟ କରି

**ଗୁରୁପ୍ରିୟା ଫାର୍ମସ ପ୍ରଡୁସର କମ୍ପାନୀ ବୈଠକ**

ଅଧିକ ଲାଭ ଉଠାଇ ବାକୁ ଆଲୋଚନା ବେଳେ ମତ ପ୍ରକାଶ ପାଇଥିଲା। ଚଳିତ ବର୍ଷ ଚିତ୍ରକୋଣ୍ଡା ଅଞ୍ଚଳରୁ ମଣ୍ଡିରେ ମାଣ୍ଡିଆ ବିକ୍ରି କରିଥିବା ଚାଷୀମାନେ ୧୮ ଲକ୍ଷ ଟଙ୍କା ଇନସେଟିଭି ପାଇଛନ୍ତି। ଆଗାମୀ ଦିନରେ ମଧ୍ୟ ମଣ୍ଡିରେ ଅଧିକ ପରିମାଣରେ ମାଣ୍ଡିଆ ଚାଷୀ ଯୋଗଦେଇ ଉପକୃତ ହେବାକୁ କୃଷି ଅଧିକାରୀ ଜେନା ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ସରକାର ମାଣ୍ଡିଆ ଚାଷୀଙ୍କୁ ୨୦୨୭ ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ଦେବାକୁ ଘୋଷଣା କରିଛନ୍ତି। ଚଳିତ ବର୍ଷ ମାଣ୍ଡିଆ କିଲୋ ପ୍ରତି ୩୫ ଟଙ୍କାରେ ଚାଷୀଙ୍କଠାରୁ ମଣ୍ଡିରେ କିଣାଯିବ ବୋଲି ଜଣାପଡିଛି। ଏହି ଅବସରରେ ଉତ୍ତମ ମାଣ୍ଡିଆ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଚିତ୍ରକୋଣ୍ଡା ମିଲେଟ ମିଶନର ପ୍ରୋଗ୍ରାମ କୋର୍ଡନେଟର ତପନ ରଥ, ଏବିପିସି ଦୀପକ ପାଙ୍ଗି, ଆକାଉଣ୍ଟାଣ୍ଟ ଜଗନ୍ନାଥ ରେଡ୍ଡି, ଲବକୁଶ ଖେମୁଡୁ, ସୁମନ୍ତ ଖେମୁଡୁ, ପ୍ରମିଳା ଖରା ପ୍ରମୁଖ ପରିଚାଳନା କରିଥିଲେ।

# ଗୌଡ଼ ଦେଓପାଲିରେ ଟେଲି ଯୋଗାଯୋଗ ବ୍ୟବସ୍ଥା ଦାବି

ତେନ୍ତୁଲିଖୁଣ୍ଟି, ୨୮।୧୧(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣିରେ ୪୨ ଅଭିଯୋଗ ପଞ୍ଜୀକୃତ ହୋଇଥିଲା।

ଖାତିଗୁଡ଼ାସ୍ଥିତ ପ୍ରକଳ୍ପ ଡାକ୍ତରଖାନାରେ ୨୪ ଘଣ୍ଟା ରୋଗୀସେବା ଯୋଗାଇବା, ଡେଲିଭରି ପଏଣ୍ଟ ଖୋଲିବାକୁ ଦାବି କରାଯାଇଛି। ଗୌଡ଼ ଦେଓପାଲି ପଞ୍ଚାୟତରେ ଟେଲି ଯୋଗାଯୋଗ ବ୍ୟବସ୍ଥା କରିବାକୁ ସରପଞ୍ଚ ପ୍ରମିଳା ମୁଦୁଲି ଦାବି ରଖିଥିଲେ। ଖାତିଗୁଡ଼ା ଉଚ୍ଚ ବିଦ୍ୟାଳୟରେ ଖାଲିଥିବା ଟିଜିଟି ( ଆର୍ଟସ) ସଂସ୍କୃତ, ହିନ୍ଦୀ ଶିକ୍ଷକ ତଥା ଖେଳ ଶିକ୍ଷକ ନିଯୁକ୍ତି, ରୂପାନ୍ତର କାର୍ଯ୍ୟ ଆରମ୍ଭ ବେଳେ ଖାତିଗୁଡ଼ା ଉଚ୍ଚ ବିଦ୍ୟାଳୟରେ ଅଡିଟୋରିୟମ ଓ ଇନ୍‌ଡୋର ଗେମ୍ ପାଇଁ ହଲ୍ କରିବା ଦାବି କରାଯାଇଥିଲା। ଏଥିସହ ପାନୀୟ ଜଳ ସମସ୍ୟା ସମାଧାନ, ପେନ୍‌ସନ ଓ ବ୍ୟକ୍ତିଗତ ଘରେ ଜୋରଜବରଦସ୍ତ କବ୍‌ଜା ସମ୍ପର୍କିତ ଅଭିଯୋଗ ରହିଥିଲା। ପୁରାତନ ନବୋଦୟ କୋଠାରେ ପ୍ରସ୍ତାବିତ କୌଶଳ ବୃଦ୍ଧି ତାଲିମ କେନ୍ଦ୍ର କରିବା ନଚେତ୍ ଜିଲାପାଳଙ୍କ ଅଧୀନରେ ଥିବା ଉକ୍ତ କୋଠା ତଥା କ୍ୱାର୍ଟର୍ସର ସଦ୍‌ବ୍ୟବହାର କରିବା ପାଇଁ ପରଜାବାରଙ୍ଗ ପଦର ନାଏବ ସରପଞ୍ଚ



ହିତାଧିକାରୀଙ୍କୁ ଜିଲାପାଳ ସହାୟତା ଦେଉଛନ୍ତି।

**ତେନ୍ତୁଲିଖୁଣ୍ଟିରେ ୪୨ ଅଭିଯୋଗ ଶୁଣିଲେ ଜିଲାପାଳ**

ଅନୁରୋଧ କରିଥିଲେ। ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ୱାର୍ଡ ସଭ୍ୟାସଭ୍ୟଙ୍କୁ ସୂଚନା ଦିଆଯାଉ ନ ଥିବା ପରଜାବାରଙ୍ଗପଦରରୁ ଆସିଥିଲା। ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଜିଲାପାଳ ଡ. କମଳ ଲୋଚନ ମିଶ୍ର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣିରେ ଉପଜିଲାପାଳ ପ୍ରଶାନ୍ତ ରାଉତ, ଜିଲା ପଞ୍ଚାୟତ ଅଧିକାରୀ ଶିଶିର ପାଣି, ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଫୁଲ୍ଲ ମିଶ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ, ବିଡିଓ ଦୁର୍ଯୋଧନ ଭୋଇ, ବ୍ଲକ କର୍ମଚାରୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଧିକାରୀମାନେ ଜଣଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ।

# ଦାବି ପୂରଣ ନ ହେଲେ ୨୨ରୁ କାର୍ଯ୍ୟ ବନ୍ଦ ଚେତାବନୀ

ରାଇଘର/ଡାବୁଗାଁ/ପାପଡ଼ାହାଣ୍ଡି, ୨୮।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ବହୁମୁଖୀ ସ୍ୱାସ୍ଥ୍ୟ କର୍ମଚାରୀମାନେ ୫ ଦଫା ଦାବି ନେଇ ସିଡିଏମ୍‌ଓ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ କ୍ୟାଡର ପୁନର୍ଗଠନ, ୩ ନଭେମ୍ବର ୨୦୨୦ରେ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରତିହାର,ଠିକା କର୍ମଚାରୀଙ୍କୁ ନିୟମିତ କରିବା, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକଙ୍କ ପଦବୀର ନାମ ପରିବର୍ତ୍ତନ, ପୋଷାକ ଭତ୍ତା ବାର୍ଷିକ ୫ ହଜାର ଟଙ୍କା ପ୍ରଦାନ କରିବାକୁ ଦାବି ହୋଇଛି। ଦାବି ପୂରଣ ନ ହେଲେ ଆସନ୍ତା ୧୪ରୁ ଅସହଯୋଗ ଆନ୍ଦୋଳନ କରାଯିବ। ୨୧ ତାରିଖ ସୁଦ୍ଧା ପୁଣି ଦାବି ପ୍ରତି ଧ୍ୟାନ ନ ଦେଲେ ୨୨ରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ରାଇଘର ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଜିଲା ସଭାପତି ଏମ୍.ରାମକୃଷ୍ଣା ରାଜୁ, ଜିଲା ସହ ସମ୍ପାଦକ ନୀଳମାଧବ ମିଶ୍ର, ବ୍ଲକ ସଭାପତି ଲୀଳାମୟୀ ପତି, ବ୍ଲକ ସମ୍ପାଦକ ଅଶୋକ ନାୟକ, ବ୍ଲକ ଉପସଭାପତି ହାରାଥାନ ସରକାର, ସହ ସମ୍ପାଦକ ସଲମା ଟୁ, ସଭ୍ୟ ଅମିତାରାଣୀ ବାଲା, ଅଞ୍ଜଳି ଦାସ, ନହରଲାଲ ଗଣ୍ଡ, ସୁନୀଲ ଶର୍ମା, ସୁଷମା ମେଲେକା, ହରିଦାସ ସିଲଙ୍କ ସମେତ ରାଇଘର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।

ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ବହୁମୁଖୀ ସ୍ୱାସ୍ଥ୍ୟ କର୍ମଚାରୀ ଏବଂ ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକଙ୍କ ଏକ ବୈଠକ ବ୍ଲକ ସ୍ୱାସ୍ଥ୍ୟ ମହାସଂଘ ସଭାପତି ଗୋବିନ୍ଦ ଚନ୍ଦ୍ର ସରକାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହାପରେ ବହୁମୁଖୀ ସ୍ୱାସ୍ଥ୍ୟ କର୍ମଚାରୀମାନେ ଶୋଭାଯାତ୍ରାରେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଡାବୁଗାଁ ଗୋଷ୍ଠୀ ଚିକିତ୍ସାଧିକାରୀ ଶୁଭାଶିଷ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ଆଞ୍ଚଳିକ ସଭାପତି ଗୋବିନ୍ଦ ଚନ୍ଦ୍ର ସରକାର, ମାନସ ସାହୁ, ସୁବାସ ମାଣ୍ଡୋଇ, ଆରତୀ ପଟ୍ଟନାୟକ, ରୋଜାଲିନ ସ୍ୱାଇଁ, ସଞ୍ଜୁକ୍ତା ବେହେରା, ସବିତା ମିଶ୍ର, ମଞ୍ଜୁଲତା ସାହୁ, ଆରତୀ ପାଢ଼ୀ, ମାୟାରାଣୀ ସରକାର ପ୍ରମୁଖ ଉପସ୍ଥିତ ଥିଲେ।

ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଦିଲୀପ କୁମାର ସାମଲଙ୍କୁ ସ୍ୱାସ୍ଥ୍ୟକର୍ମୀମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସ୍ୱାସ୍ଥ୍ୟ କର୍ମୀ ମହାସଂଘ ବ୍ଲକ ସଭାପତି ନୁରଜାହାନ ଖାନ, ଅଧ୍ୟକ୍ଷ ଅନନ୍ତ ଚରଣ ରଥ, ସମ୍ପାଦକ ଝାନ୍‌ସୀ ପୂଜାରୀ, କ୍ରିଷ୍ଣା ସାମଲ, ମନରୋମା ଦେଇ, ଶାନ୍ତନୁ ପାତ୍ର, ଜିତେନ୍ଦ୍ର ଭତରା, ଚନ୍ଦନ ପାତ୍ର, ପ୍ରମିଳା ସାମଲ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ହାଟଭରଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ଦାବିପତ୍ର ଦେବାକୁ ଆସିଥିବା ବହୁମୁଖୀ ସ୍ୱାସ୍ଥ୍ୟ କର୍ମଚାରୀମାନେ।



ଡାବୁଗାଁ ଗୋଷ୍ଠୀ ଚିକିତ୍ସାଧିକାରୀ ଶୁଭାଶିଷ ସାହୁ ଦାବିପତ୍ର ଗ୍ରହଣ କରୁଛନ୍ତି।

